# ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ଭଦ୍ରକ,୧୨।୨(ରବିନାରାୟଣ ଖିଲାର)

ଭଦ୍ରକ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ବୁଧବାର ଅପରାହ୍ଣ ୪ଟା ସମୟରେ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଆଦର୍ଶ ବିଦ୍ୟାଳୟର ଶିକ୍ଷୟତ୍ରୀ କାଦମ୍ବିନୀ କର ଶର୍ମାଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ସମ୍ମାନୀତ ଅତିଥି ଭାବେ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡିଏସ୍‌ପି ସତ୍ୟ କୁମାର ନନ୍ଦ, ପରିବହନ ଅଧିକାରୀ ରାମନିବାସ ସିର୍କା,ଏମ୍‌ଭିଆଇ ବାମଦେବ ସାହୁ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସ, ଟ୍ରାଫିକ ଇନିସପେକ୍ଟର ଶର୍ମିଷ୍ଠା ମିଶ୍ର, ସିଡିଏମ୍‌ଓ ଡ. ସୁଧାଂଶୁ ଶେଖର ବଳ, ସଡ଼କ ସୁରକ୍ଷା ସଭ୍ୟ ରୋ. ଅତିସ କୁମାର ବେହେରା ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଟ୍ରାଫିକ ନିୟମ କାନୁନ ମାନି ଚଳିଲେ ଦୁର୍ଘଟଣା ରୋକାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ସଚେତନତା ଉପରେ ଦାୟିତ୍ୱ ନିର୍ବାହ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଖରା, କାକରରେ ପଡ଼ିଛି ଧାନ

## ଧାନ ଉଠାଇବାରେ ମିଲରଙ୍କ ଅବହେଳା

ତିହିଡ଼ି,୧୨।୨(ସଞ୍ଜିତ ବଳ)



ମଣ୍ଡିରେ ଖରା, କାକରରେ ପଡ଼ି ରହିଥିବା ଧାନ।

ମଣ୍ଡିରେ ଗଦା ହୋଇ ରହିଛି ଧାନ। ଖରା, କାକରରେ ଧାନବସ୍ତା ପଡ଼ି ରହିଥିଲେ ବି ଏଥିପ୍ରତି ମିଲରଙ୍କ ଭ୍ରୁକ୍ଷେପ ନାହିଁ। ସେମାନେ ମଣ୍ଡିରୁ ଧାନ ଉଠାଇବାରେ ଅବହେଳା କରୁଥିବାରୁ ଏପ୍ରକାର ପରିସ୍ଥିତି ଉପୁଜିଛି। ଯାହାଦ୍ୱାରା ଧାନ ବିକିବା ପରେ ବି ଚାଷୀକୁ ପ୍ରାପ୍ୟ ମିଳିବାରେ ଅହେତୁକ ବିଳମ୍ବ ଘଟୁଥିବା ଜଣାପଡ଼ିଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀମାନଙ୍କଠାରୁ ଠିକ୍ ରୂପେ ଧାନ ସଂଗ୍ରହ ହେବା ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ମାତ୍ର ପ୍ରଶାସନର ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଜଣାପଡ଼ିଛି। ପ୍ରତି ସମବାୟ ସମିତିରୁ ଧାନ ନେବାକୁ ବିଭିନ୍ନ ରାଇସମିଲକୁ ଟ୍ୟାଗ୍ କରାଯାଇଛି। ଏହି ମିଲ୍ ସବୁ ଠିକ୍ ରୂପେ ସମିତିରୁ ଧାନ ଉଠାଉ ନ ଥିବାରୁ ସମିତିରେ ଧାନ ବସ୍ତା ଗଦା ହୋଇ ରହିଛି। ଏପରି ପରିସ୍ଥିତି ଉପୁଜିଛି ଯେ ସମିତିର ଗୋଦାମ ଗୃହରେ ଧାନବସ୍ତା ଭର୍ତ୍ତି ହେବା ପରେ ସମିତି କର୍ତ୍ତୃପକ୍ଷ ବାଧ ହୋଇ ଧାନ ବସ୍ତାକୁ ବାହାରେ ଗଦା କରି ରଖୁଛନ୍ତି। ଯେଉଁ ସମିତିର ଗୋଦାମ ଗୃହ ନାହିଁ ସେମାନେ ବାହାରେ ଧାନବସ୍ତା ରଖିବା ସହ ଜଗୁଆଳିର ବ୍ୟବସ୍ଥା କରିଛନ୍ତି।

ପ୍ରକାଶଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ଭାଟପଡ଼ା ସମିତିରେ ୪ ହଜାର କୁଇଣ୍ଟାଲ, ମଙ୍ଗଳପୁର ସମିତିରେ ୨ହଜାର କୁଇଣ୍ଟାଲ, ବାମନବିନ୍ଧା ସମିତିରେ ୧ ହଜାର କୁଇଣ୍ଟାଲ, ଗାନ୍ଧୀନଗରରେ ୨ ହଜାର କୁଇଣ୍ଟାଲ, ପାଳିଆବିନ୍ଧାରେ ୮ ହଜାର କୁଇଣ୍ଟାଲ, ବାରସରରେ ୫ ହଜାର କୁଇଣ୍ଟାଲ ଧାନ ଗଦାହୋଇ ରହିଛି। ଅନ୍ୟସବୁ ସମିତିରେ ମଧ୍ୟ ଅନୁରୂପ ପରିସ୍ଥିତି ଉପୁଜିଛି। ତେବେ ମିଲର ଧାନ ନେବାରେ ବିଳମ୍ବ କରୁଥିବାରୁ ଚାଷୀଙ୍କୁ ପ୍ରାପ୍ୟ ମିଳିବାରେ ମଧ୍ୟ ବିଳମ୍ବ ଘଟୁଛି। ପ୍ରାପ୍ୟ ପାଇଲେ ଆବଶ୍ୟକତା ମେଣ୍ଟାଇବାକୁ ଭାବୁଥିବା ଚାଷୀକୁ ବହୁଦିନ ଯାଏ ଅପେକ୍ଷା କରିବାକୁ ପଡୁଛି। ଏହି ଅବ୍ୟବସ୍ଥାରେ ଅତିଷ୍ଠ ହୋଇ କେତେକ ଚାଷୀ ବାହାର ରାଜ୍ୟର ବେପାରୀଙ୍କୁ ଧାନ ବିକି ଦେଉଛନ୍ତି।। ଯଥେଷ୍ଟ କମ୍ ମୂଲ୍ୟ ହେଲେ ବି ସେମାନେ ନିଜର ଆବଶ୍ୟକତା ମେଣ୍ଟାଇବାକୁ ଏ ପ୍ରକାର ନିଷ୍ପତ୍ତି ନେଉଥିବା ଜଣାପଡ଼ିଛି। ଏଥିଯୋଗୁ ସରକାରୀ ଧାନ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାପାଳ ଦିଲୀପ ରାଉତରାଏ ବିଭିନ୍ନ ସମୟରେ ଭିସି ମାଧ୍ୟମରେ ଚାଷୀମାନଙ୍କଠାରୁ ଠିକ୍ ରୂପେ ଧାନ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରୁଥିବା ବେଳେ ମିଲରଙ୍କ ଅସହଯୋଗ କାରଣରୁ ସରକାରଙ୍କ ଲକ୍ଷ୍ୟ ପୂରଣ ହୋଇପାରୁ ନ ଥିବା ଜଣାପଡ଼ିଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି। ବ୍ଲକ୍ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ କହିଛନ୍ତି, ମଣ୍ଡିକୁ ସହଯୋଗ କରିବା ନେଇ ମିଲରଙ୍କୁ ବାରମ୍ବାର ତାଗିଦ୍ କରାଯାଉଛି। ଯାହାଦ୍ୱାରା ଠିକ୍ ରୂପେ ଧାନ ସଂଗ୍ରହ ହୋଇପାରିବ ବୋଲି ସେ କହିଛନ୍ତି।

# କାଉନସିଲରଙ୍କ ସନ୍ଦେହ ଜନକ ମୃତ୍ୟୁ

ବାସୁଦେବପୁର,୧୨।୨(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ୨୩ନଂ ୱାର୍ଡ଼ର ମହିଳା କାଉନସିଲର ମଞ୍ଜୁଲତା ମହାଳିକ(୨୫)ଙ୍କର ବେଙ୍ଗାଲୁରରେ ସନ୍ଦେହଜନକ ଭାବେ ଗତ ୪ ତାରିଖରେ ମୃତ୍ୟୁ ଘଟିଛି। ମଞ୍ଜୁଲତା ହେଉଛନ୍ତି ଉଇଡିହା ଗ୍ରାମର କରୁଣାକର ମଳିକଙ୍କ ସ୍ତ୍ରୀ। ଗତ ପୌର ନିର୍ବାଚନରେ ମଞ୍ଜୁଲତା ବିଜେଡି ଟିକେଟରୁ କାଉନସିଲର ଭାବେ ୨୩ ନଂ. ୱାର୍ଡ଼ରୁ ନିର୍ବାଚିତ ହୋଇଥିଲେ। ଗତ ୨୦୨୪ରେ ମଞ୍ଜୁଲତାଙ୍କ ସ୍ୱାମୀ କରୁଣାକର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଗତ କିଛିଦିନ ପୂର୍ବେ ମଞ୍ଜୁଲତା ବେଙ୍ଗାଲୁରରେ ରହୁଥିବା ବେଳେ ସେଠାରେ ଗତ ୪ ତାରିଖରେ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କ ପାଖକୁ ଖବର ଆସିଥିଲା। ସେଠାରେ ତାଙ୍କର ମୃତଦେହ ସତ୍କାର କରାଯାଇଥିବା ବେଳେ କିପରି ତାଙ୍କର ମୃତ୍ୟୁ ହେଲା ତାହା ଗ୍ରାମବାସୀ, ୱାର୍ଡବାସୀ ଓ ପରିବାର ମହଲରେ ସନ୍ଦେହ ସୃଷ୍ଟି କରିଛି। ତାଙ୍କର ୨ କନ୍ୟା ଅଛନ୍ତି। ଜଣଙ୍କୁ ସେ ବେଙ୍ଗାଲୁରୁ ନେଇ ଯାଇଥିବା ବେଳେ ଅନ୍ୟ ଏକ କନ୍ୟାଙ୍କୁ ବାପଘରେ ଛାଡ଼ିଥିଲେ।

# ଫାଇନାଲରେ ଆଦର୍ଶ କ୍ଲବ ବାଲେଶ୍ୱର



ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

## ସର୍ବ ଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଧାମନଗର,୧୨।୨(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ପଡ଼ିଆଠାରେ ସର୍ବ ଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ସେମି ଫାଇନାଲ ମ୍ୟାଚ ଆଦର୍ଶ ସ୍ପୋର୍ଟିଂ କ୍ଲବ ବାଲେଶ୍ୱର ସହିତ ଇଷ୍ଟକୋଷ୍ଟ ରେଲୱେ ଭଦ୍ରକ ମଧ୍ୟରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଆଦର୍ଶ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୨୭୦ ରନ ସଂଗ୍ରହ କରିଥିଲା।

ଜବାବରେ ଇଷ୍ଟକୋଷ୍ଟ ରେଲୱେ ୨୦.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୮୭ ରନ କରି ପରାଜିତ ହୋଇଥିଲା। ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ଜ୍ଞାନରଞ୍ଜନ ସ୍ୱାଇଁ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଶୁଭ୍ରାଂଶୁ ଶେଖର ସାହୁ ସ୍କୋରର ଥିବା ବେଳେ ନିହାର ରଞ୍ଜନ ବେହେରା ଡିଜିଟାଲ, ଅନଲାଇନରେ ବଳରାମ ସାହୁ ସ୍କୋରର ଥିଲେ। ଜ୍ଞାନରଞ୍ଜନ ଘଡ଼େଇ ଓ ବୁବୁ ସିନ୍ହା ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ଆଦର୍ଶ କ୍ଲବ ବାଲେଶ୍ୱରର ଏମ୍ ଡି ନାସିମଙ୍କୁ ପୁରସ୍କୃତ କରାଯାଇଥିଲା।

# ଆଜିଠୁ ଜିଲା ମହୋତ୍ସବ ଭଦ୍ରାୟଣୀ

ଭଦ୍ରକ,୧୨।୨(ସନାତନ ରାଉତ)

ଭଦ୍ରକ ଜିଲାର ଗୌରବ ଜିଲା ମହୋତ୍ସବ ଭଦ୍ରାୟଣୀ ଗୁରୁବାରଠାରୁ ଆରମ୍ଭ ହେବ। ଏହାର ପ୍ରସ୍ତୁତି, ପ୍ରଚାର, ପ୍ରସାରକୁ ନେଇ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ବୁଧବାର ସନ୍ଧ୍ୟା ୬ଟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୫ ଦିନିଆ ପଲ୍ଲିଶ୍ରୀ ମେଳା ଓ କୃଷି ଯନ୍ତ୍ରପାତି ମେଳାକୁ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଭଣ୍ଡୁଆଳ ମୋଡ଼ରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଜିଲାପାଳ ଦିଲୀପ ରାଉତରାଏ ଯୋଡ଼ି ହୋଇ ମତାମତ ରଖିଥିଲେ। ସମ୍ମିଳନୀରେ ଉପ ଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଡିଆଇବି ଅଂଶୁମାନ ଦ୍ୱିବେଦୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ଅତିଥି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିବା ବେଳେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଶିଷ୍ଟ ଅତିଥିଙ୍କ ସମେତ ଜିଲାର ଏମ୍‌ପି ଓ ବିଧାୟକମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ସନ୍ଧ୍ୟାରେ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ, ଭାଗ୍ୟଶ୍ରୀ, ଅସୀମା ପଣ୍ଡା, ଅନନ୍ୟା ଚକ୍ରବର୍ତ୍ତୀ, କମେଡ଼ିଆନ ପ୍ରଜ୍ଞା, ଶଙ୍କର ଯୋଗ ଦେବାକୁ ଥିବା ବେଳେ ଗୋଟିପୁଅ ନୃତ୍ୟ, ଆସାମର ବିହୁ, ମଣିପୁରୀ, ସମ୍ବଲପୁରୀ ନୃତ୍ୟ ସହିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ।

# 'ମନର ଦେବତା ମୋର' ପୁସ୍ତକ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭଣ୍ଡାରିପୋଖରୀ,୧୨।୨(ରାଜେନ୍ଦ୍ର ଶତପଥୀ)

ଗୋଟିଏ ଭଲ ବହି ରଚନା ଲେଖକକୁ ଆତ୍ମତୃପ୍ତି ପ୍ରଦାନ କରିଥାଏ ଓ ସମାଜକୁ ଚେତାଇ ଥାଏ ବୋଲି କବି ନଟବର ରାଉଳଙ୍କ କବିତା ସଙ୍କଳନ 'ମନର ଦେବତା ମୋର' ପୁସ୍ତକ ଉନ୍ମୋଚନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସରସଦା ଭାଗବତ ତୁଙ୍ଗି ପରିସରରେ ମଙ୍ଗଳବାର ଅପରାହ୍ଣ ୫ଟାରେ ବିଶିଷ୍ଟ ନାଟ୍ୟକାର ସୁଧାକର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବକୁ ବୟୋଜ୍ୟେଷ୍ଠ କବି ଗୋଲକ ଚନ୍ଦ୍ର ମହାନ୍ତି ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କ୍ଷୀରୋଦ ସାମଲ ପୁସ୍ତକର ସମୀକ୍ଷା କରିଥିଲେ। ମୁଖ୍ୟ ବକ୍ତାଭାବେ କବି ଅବନୀ ପ୍ରଧାନ, ଅନ୍ୟତମ ଅତିଥି ଓ ବକ୍ତାଭାବେ ଧାମନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୁରଞ୍ଜନ ପଣ୍ଡା, ଶ୍ରୀବତ୍ସ କରଶର୍ମା, ସମ୍ପାଦକ ପ୍ରକାଶ ମହାପାତ୍ର, କାର୍ତ୍ତିକ ସ୍ୱାଇଁ, ପୁରୁଷୋତ୍ତମ ଧଳ, ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ, ବିଶ୍ୱମ୍ଭର ନାଥ, ବିଜୟ କୁମାର ସ୍ୱାଇଁ ଯୋଗଦେଇ ସାହିତ୍ୟର ବିଭିନ୍ନ ପ୍ରସଙ୍ଗରେ ଆଲୋକପାତ କରିଥିଲେ। କବି ନଟବର ରାଉଳ ଲେଖକୀୟ ଅଭିବ୍ୟକ୍ତି ଓ ଅଧ୍ୟାପିକା ଯୋଗ୍ୟଶ୍ରୀ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ରମାକାନ୍ତ ବେହେରା, ଜଗନ୍ନାଥ ସାମଲ, ଅଧ୍ୟାପକ ଅନାଦି ଚରଣ ସାହୁ, ବାସନ୍ତୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ନୂତନ ଶିକ୍ଷୟତ୍ରି, ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

ଧୂଷୁରୀ,୧୨।୨(ଦୀପ୍ତି ରଞ୍ଜନ ନାୟକ)

ଧାମନଗର ବ୍ଲକ୍ ପାଳସାହି ପଞ୍ଚାୟତ ଅଧୀନ ସାହୁସାହି ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ସୁଶ୍ରୀ ସରିତା ସାହୁ, ଶିକ୍ଷକ ମନ୍ମଥ ଦାସ ଓ ସମର କୁମାର ଜେନାଙ୍କୁ ବୁଧବାର ବିଦ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉପଲକ୍ଷେ ଅପରାହ୍ଣ ୧ଟା ୩୦ରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବାବାମଣି ସ୍ନାତକ ମହା ବିଦ୍ୟାଳୟର ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ସିଆରସିସି ବ୍ରଜ କିଶୋର ସିଅଳ, ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ବେହେରା, ଶିକ୍ଷା ପରିଚାଳନା କମିଟି ସଭାପତି ସୁକାନ୍ତ ସାହୁ ଅତିଥିଭାବରେ ଯୋଗଦେଇଥିଲେ। ସଭ୍ୟା ସନ୍ଧ୍ୟାରାଣୀ ସାହୁ, ସଭ୍ୟ ମନୋଜ ସାହୁ, ପ୍ରଶାନ୍ତ ସାହୁ, କୈଳାସ ଚନ୍ଦ୍ର ମଲିକ, ପଦ୍ମ ଲୋଚନ ବାରିକ, ଗୌରାଙ୍ଗ ସାହୁ, ରବୀନ୍ଦ୍ର କୁମାର ସାହୁ, ମନ୍ମଥ ସେଠୀ, ଗୋବିନ୍ଦ ସ୍ୱାଇଁ, ସାହୁସାହି ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ନାୟକ, ଶିକ୍ଷକ ରମଣୀ ରଞ୍ଜନ ବାରିକ, ସୁନାରାମ ସୋରେନ, ଚିତ୍ରଭାନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଉପଢ଼ୌକନ ସହ ସମ୍ବର୍ଦ୍ଧନା ଦିଆ ଯାଇଥିଲା।

# ଶୀତ ମହୋତ୍ସବ,ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟା

ଧାମନଗର,୧୨।୨(ଦେବେନ୍ଦ୍ର ଆନ୍ଦିଆ /ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗରସ୍ଥିତ ଜୟନଗର ପଡ଼ିଆରେ ଶୀତ ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟା ମଙ୍ଗଳବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି। ଧାମନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ନାମରେ ନାମିତ ମଞ୍ଚରେ ସୌମ୍ୟା ମହାପାତ୍ରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଜିଲାପାଳ ଦିଲୀପ ରାଉତରାଏ, ଅନ୍ୟତମ ଅତିଥି ଉତ୍ତରାଞ୍ଚଳ ଡିଆଇଜି ଡ.ସତ୍ୟବ୍ରତ ନାୟକ, ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ପ୍ରମୁଖ ଯୋଗ ଦେଇଥିଲେ। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ମହୋତ୍ସବର ଆଭିମୁଖ୍ୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ମହୋତ୍ସବ ଦ୍ୱାରା ଓଡ଼ିଶାର ବିଭିନ୍ନ ଜିଲାର କୋଣ ଅନୁକୋଣରେ ଐତିହ୍ୟ, ସଂସ୍କୃତିର ପ୍ରଚାର ପ୍ରାସାର ହେବା ସହ କଳା ସଂସ୍କୃତି ବଞ୍ଚିରହିବ। ଓଡ଼ିଆ ଜାତିର କଳା, ସଂସ୍କୃତି, ପରମ୍ପରାକୁ ଲୋକଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାର ଅଭିନବ ପ୍ରୟାସ ଜାରି ରହିଥିବା ବେଳେ ମୁଖ୍ୟତଃ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏଥିପ୍ରତି ଚେଷ୍ଟା ଜାରି ରଖିଛନ୍ତି ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଧାମନଗର ଅଞ୍ଚଳର ୧୦ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଚଳଚ୍ଚିତ୍ର ଜଗତର ହାସ୍ୟ ଅଭିନେତା ପ୍ରଜ୍ଞା ଓ ଶଙ୍କର, ଗାୟିକା ଅନ୍ତରା ଚକ୍ରବର୍ତ୍ତୀ, ଛଉ ନୃତ୍ୟ ସହ କଳାକାରଙ୍କ ଦ୍ୱାରା ବିଭିନ୍ନ କଳା ଓ ନାଚଗୀତ ଭଳି ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ମହୋତ୍ସବ ପରିଷଦର ଆବାହକ ରାମଚନ୍ଦ୍ର ମିଶ୍ର, ଅଶୋକ ପୁହାଣ, ମନୋଜ ମଲ୍ଲିକ, ଶରତ ମହାନ୍ତି, ବିଜୟ ରାମ, ରଞ୍ଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# 'ପ୍ରତିଭାଦୀପ୍ତ ଛାତ୍ରୀଛାତ୍ରଙ୍କ ପ୍ରତିଭାର ପରିପ୍ରକାଶ ହେବା ଆବଶ୍ୟକ'

## ଶିଶୁ ବିହାର ଶିକ୍ଷାନୁଷ୍ଠାନର ୧୯ତମ ବାର୍ଷିକ ଉତ୍ସବ

ବାସୁଦେବପୁର,୧୨।୨(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଶିଶୁ ବିହାର ଶିକ୍ଷାନୁଷ୍ଠାନର ୧୯ତମ ବାର୍ଷିକ ସମାରୋହ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବିଇଓ ଜଗବନ୍ଧୁ ସାହୁ ସମାରୋହକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହେବା ସହ ଲକ୍ଷ୍ୟ ଧାର୍ଯ୍ୟ କରି ଅଧ୍ୟୟନ କଲେ ଜୀବନରେ ସଫଳତା ପାଇପାରିବେ। ପ୍ରତିଭାଦୀପ୍ତ ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ଗୁରୁତ୍ୱ ଦିଆଯିବା ସହ ଏହାର ପରିପ୍ରକାଶ ହେବା ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ତଥା ସାମାଜିକକର୍ମୀ ଦୀନବନ୍ଧୁ ପତି ଯୋଗଦେଇ ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ ଅଟନ୍ତି। ତେଣୁ ସେମାନଙ୍କ ମଧ୍ୟରେ ଥିବା ସୁପ୍ତ ପ୍ରତିଭାକୁ ଉନ୍ମେଷ କରିବା କ୍ଷେତ୍ରରେ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକଙ୍କର ଏକ ବଡ଼ଭୂମିକା ରହିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଭାରତୀୟ ଶିକ୍ଷା ବିକାଶ ସମିତିର ଉତ୍ତର କ୍ଷେତ୍ର ସଂଯୋଜକ ଗୌରାଙ୍ଗ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିବା ବେଳେ ପ୍ରଧାନଆଚାର୍ଯ୍ୟ ସନ୍ତୋଷ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନର ସଭାପତି ମାନସ ରଞ୍ଜନ ସାହୁ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଭାବଗ୍ରାହୀ ନାୟକ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ।ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ମହକ ଉନ୍ମୋଚନ କରାଯାଇଥିଲା। ସଭାରେ କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ସଞ୍ଜୟ ପଣ୍ଡା, ଯାତ୍ରା ଅଭିନେତ୍ରୀ ଲତା ମଣ୍ଡଳ, ନାଟମକାର ଦୁର୍ଯ୍ୟୋଧନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ସେମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନାଟକ କେତେକ ଦୁଃଖ ଦେବୁ ଦେରେ କାଳିଆ ପରିବେଷଣ ହୋଇଥିଲା। ପୁରସ୍କାର ବିତରଣ ସଭାରେ ଅତିଥି ଭାବେ ଆଇନଜୀବି ପ୍ରଦୀପ ମହାନ୍ତି ଯୋଗ ଦେଇଥିଲେ।

# ଆଗରପଡ଼ା ମହାବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଦିବସ




ସାଂସ୍କୃତିକ ଦିବସରେ ଉପସ୍ଥିତ ଅତିଥି।

ଆଗରପଡ଼ା,୧୨।୨(ସୁଶାନ୍ତ ଦାଶ)

ଆଗରପଡ଼ା ମହାବିଦ୍ୟାଳୟର ୪୪ ତମ ବାର୍ଷିକ ସାଂସ୍କୃତିକ ଦିବସ ବୁଧବାର ପୂର୍ବାହ୍ଣ ୧୧ଟାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର ବଳରାମ ମିଶ୍ର ଯୋଗଦେଇ ପିଲାମାନେ ଜୀବନରେ ସଫଳତାକୁ ନେଇ ଗୌରବମୟ ହେବା ସହ ନିଜକୁ କିପରି ଇନ୍ଦ୍ରଧନୁ ପରି ବନାଇ ପାରିବେ ସେଥିପାଇଁ ଉଦ୍ୟମ ଜାରି ରଖନ୍ତୁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷା ଚପଳା ନାୟକ, ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପକ ବିକାଶ କୁମାର ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପାତ୍ର ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଓ ଅଧ୍ୟାପକ ନାରାୟଣ ଚନ୍ଦ୍ର ପୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ ପରିଷଦର ଉପସଭାପତି ପ୍ରେମଲତା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ହରିହର ଦାସ, ପ୍ରଶାନ୍ତ କୁମାର ନାୟକ, ରାଜେନ୍ଦ୍ର ପାଣିଗ୍ରାହୀ, ବିଜୟ କୁମାର ଷେଣ୍ଢ, ମନୋଜ କୁମାର ଆଇଚ, ବ୍ରଜମୋହନ ପତି, ଦେବାଶିଷ ବାରିକ, ପ୍ରକାଶ କୁମାର ରାଉତ, ପବିତ୍ର ଦାସ, ଅଶୋକ କୁମାର ସାହୁ, ଜଗନ୍ନାଥ ଦାସ, ଡ଼ଃ ସେକ୍ ଅବଦୁଲ ଗଫାର ଅଲି, ଡ଼. ହରେକୃଷ୍ଣ ଆଇଚ, ଡ଼. ଅରବିନ୍ଦ ଦାସ, ଅଧ୍ୟାପିକା ସାବିତ୍ରୀ ମଞ୍ଜରୀ ଦାସ, ସ୍ୱୟଂସିଦ୍ଧା ମିଶ୍ର, ରଞ୍ଜିତା ମହାପାତ୍ର, ସୁଶ୍ରୀ ଜୟନ୍ତୀ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାବିତ୍ରୀ ମଞ୍ଜରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଏକାଗ୍ରତା,କଠୋର ପରିଶ୍ରମ ସଫଳତା ଆଣି ଦେଇଥାଏ'

ବନ୍ତ,୧୨।୨(ହରି ନାରାୟଣ ମହାନ୍ତି)



ଅତିଥିମାନଙ୍କ ଆଗରେ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଉଛି।

ଏକାଗ୍ରତା ଓ କଠୋର ପରିଶ୍ରମ ସଫଳତା ଆଣି ଦେଇଥାଏ ବୋଲି ବୁଧବାର ପୂର୍ବାହ୍ଣ ୧୨ଟାରେ ଭଦ୍ରକ ଜିଲା ବନ୍ତ ବ୍ଲକ ତରାଗୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବାର୍ଷିକ ଉତ୍ସବରେ ଅତିଥିମାନେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ପ୍ରଧାନ ଶିକ୍ଷକ ବ୍ରଜ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବିଶିଷ୍ଟ ନାଟ୍ୟକାର ନିର୍ମଳ ରାଉତ, ମୁଖ୍ୟ ବକ୍ତା ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା, ସମ୍ମାନୀତ ଅତିଥି ସମିତି ସଭ୍ୟା ନିଳିମା ଖଟୁଆ, ବିଶିଷ୍ଟ ସାହିତ୍ୟିକ ଡ.ସତ୍ୟ ପ୍ରକାଶ ସେଠୀ, ଚିକିତ୍ସକ ଡା.ପ୍ରଶାନ୍ତ କୁମାର ଖଟୁଆ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କିଶୋର ଚନ୍ଦ୍ର ଦାଶ, ତରୋଗୋ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହେମଲତା ବେହେରା, ସରପଞ୍ଚ ସସ୍ମିତା ମହାପାତ୍ର, ପରିଚାଳନା କମିଟିର ସଭାପତି ବେଣୁଧର ଦଣ୍ଡଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ୨୦୧୯ ବ୍ୟାଚ୍‌ର ଛାତ୍ରୀ ତଥା ଏମ୍‌ବିବିଏସ୍ ପାଇଥିବା ମଧୁସ୍ମିତା ପଣ୍ଡାଙ୍କ ସମେତ ସମସ୍ତ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ କୋଦଣ୍ଡଧର ସେଠୀ ଅତିଥି ପରିଚୟ, ଶିକ୍ଷୟିତ୍ରୀ ଚିନ୍ମୟୀ ପଣ୍ଡା ବାର୍ଷିକ ବିବରଣୀ ପାଠ, ଶିକ୍ଷକ ଜଗନ୍ନାଥ ସେଠୀ ଧନ୍ୟବାଦ ଦେଇଥିଲେ।। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ନିଳିମା ପଢିଆରୀ, ନିବେଦିତା ମହାପାତ୍ର, ସ୍ୱସ୍ତିକ୍ରିଷ୍ଟା ନାୟକଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଗଜସାଥୀ ତାଲିମ ଶିବିର

ଆନନ୍ଦପୁର,୧୨।୨ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଆନନ୍ଦପୁର ଅଧୀନସ୍ଥ ଦେଓଗାଁ ବନ୍ୟପ୍ରାଣୀ ବନାଞ୍ଚଳର ଗଦୁଆଁଠାରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଗଜସାଥି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଡିଏଫ୍ଓ ଅଭୟ ଦଳେଇଙ୍କ ନିର୍ଦ୍ଦେଶରେ ଦେଓଗାଁ ବନାଞ୍ଚଳର ସହକାରୀ ବନ ସଂରକ୍ଷକ ଉମାକାନ୍ତ ଦାସଙ୍କ ତତ୍ତ୍ୱାବଧନରେ ହାତୀ ସୁରକ୍ଷା ପାଇଁ ସମସ୍ତ ଗଜସାଥୀ, ବନ ସୁରକ୍ଷା ସମିତିର ସମସ୍ତ ସଦସ୍ୟଙ୍କୁ ଏକତ୍ରିତ କରାଯାଇ ସଚେତନ କରାଯାଇଛି। ଜଙ୍ଗଲ ନିଆଁକୁ କିଭଳି ପ୍ରତିରୋଧ କରାଯାଇ ପାରିବ ସେ ନେଇ ବନ ବିଭାଗର ଏସିଏଫ ଉମାକାନ୍ତ ଦାସଙ୍କ ପକ୍ଷରୁ ସଚେତନା ସହିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବନ ବିଭାଗର କର୍ମଚାରୀ ଫରେଷ୍ଟର ମଙ୍ଗୁଳି ଚରଣ ସା, ଧୀରେନ୍ଦ୍ର ପାତ୍ର ଏବଂ ବନରକ୍ଷୀ ପୁଷ୍ପଲତା ସାହୁ, ବନ୍ଦିତା ଦାସ, ପ୍ରିୟଦଶନୀ ଜେନା, ମମତା ରାଉତ, ବାପୁଜି ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଜଙ୍ଗଲରେ ନିଆଁ ଲଗାଇବା ବେଳେ ୨ ଗିରଫ

ପାଟଣା,୧୨।୨ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ଗୋରାଣ୍ଡି ଯୋଡ଼ି ବିଟ୍ ପଧାନପଡ଼ା ସଂରକ୍ଷିତଶାଳ ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ବୁଧବାର ସନ୍ଧ୍ୟାରେ ୨ ଜଣଙ୍କୁ ବନ ବିଭାଗ ଗିରଫ କରିଛି। ଗିରଫ ଦ୍ୱୟ ପାଟଣା ଥାନା ପଧାନପଡ଼ା ଗ୍ରାମର ବିକାଶ ଦେହୁରୀ ଓ ମୟୂରଭଞ୍ଜ ଜିଲା ଯଶିପୁର ଥାନା ଦିବାକର ପାତ୍ର (୪୩)। ଉଭୟଙ୍କୁ ବନ ବିଭାଗ ଗୁରୁବାର କୋର୍ଟଚାଲାଣ କରିବ ବୋଲି ବନପାଳ ଶରୀର ସେଠୀ କହିଛନ୍ତି। ଜଙ୍ଗଲ ରେ ପାଟ୍ରୋଲିଂ ବେଳେ ସାହାରପଡ଼ା ବନପାଳ ଭୂପତି ସେଠୀ, ଗାର୍ଡ ଦୀପକ ରଣା, ରଞ୍ଜିତା ମହାନ୍ତ ଓ ପାରାଷ୍ଟାଫ ସାମିଲଥିଲେ।

# ଜିଲା ପର୍ଯ୍ୟଟନ ମାନଚିତ୍ରରେ ୭ ନୂଆ କେନ୍ଦ୍ର ମିଶିଲା

### ପର୍ଯ୍ୟଟନସ୍ଥଳ ସଂଖ୍ୟା ୨୩ରେ ପହଞ୍ଚିଲା

କେନ୍ଦୁଝର,୧୨।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲାର ପ୍ରତିଟି ସ୍ଥାନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଜିଲାର ଶୀତଳ ଓ ପ୍ରାକୃତିକ ପରିବେଶ ସାଙ୍ଗକୁ ବଣପାହାଡ଼, ଝରଣା, ନଦୀ, ଘାଟି ରାସ୍ତା, ଅଗଣିତ ପ୍ରାକୃତିକ ଜଳପ୍ରପାତ, ଡ୍ୟାମ୍, ମନ୍ଦିର, ମଠ ଆଦି ଧାର୍ମିକସ୍ଥଳୀ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ସେଥିମଧ୍ୟରୁ ୧୬ କେନ୍ଦ୍ରକୁ ପର୍ଯ୍ୟଟନ ବିଭାଗର ମାନ୍ୟତା ମିଳିଥିବା ବେଳେ ଏବେ ଆଉ ୭ଟି କେନ୍ଦ୍ରକୁ ମାନ୍ୟତା ମିଳିଛି।

ନୂତନ ଭାବେ ମାନ୍ୟତା ମିଳିଥିବା ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକ ହେଲା, ତେଲକୋଇ ବ୍ଲକ୍‌ର ଟେଷ୍ଟେଇନାଳି ଜଳପ୍ରପାତ, ବାଂଶପାଳର ଗିରିଡ଼ିବନ୍ଧ ଜଳପ୍ରପାତ, ଝୁମ୍ପୁରାର କାଇଯୋଡ଼ା ଜଳପ୍ରପାତ, ଘଟଗାଁର କାଇଁଝର ଜଳପ୍ରପାତ, ବାରହାଟିପୁରା ଶୈବପୀଠ, ଆନନ୍ଦପୁର ବ୍ଲକ୍‌ର ବୈତରଣୀ ନଦୀକୂଳ ଦୃଶ୍ୟମୟ ଦରଗଡ଼ିଶିଳା ଓ ପାଟଣା ବ୍ଲକ୍‌ର ଡାବରଚୁଆ ଡ୍ୟାମ୍। ପୂର୍ବରୁ ବାଂଶପାଳ ବ୍ଲକ୍‌ରେ ଅବସ୍ଥିତ ସାନଘାଗରା, ବଡ଼ଘାଗରା ଓ ଖଣ୍ଡାଧାର ଜଳପ୍ରପାତ, ବୈତରଣୀ ନଦୀକୂଳରେ ଅବସ୍ଥିତ ଚମ୍ପୁଆ ବ୍ଲକ୍‌ର କେଶରୀକୁଣ୍ଡ, ଘଟଗାଁର ଗୁଣ୍ଡିଚାଘାଗି ଜଳପ୍ରପାତ, ଯୋଡ଼ା ବ୍ଲକ୍‌ର ହାଣ୍ଡିଭଙ୍ଗା ଜଳପ୍ରପାତ, ମୁର୍ଗାମହାଦେବ ମନ୍ଦିର ଓ ଜଳପ୍ରପାତ, କାଞ୍ଜିପାଣି ଘାଟି, ଘଟଗାଁ ମା' ତାରିଣୀ ପୀଠ, ସୀତାବିଞ୍ଜ, ବାଂଶପାଳ ବ୍ଲକ୍‌ର ଗୋନାସିକାସ୍ଥିତ ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ ନିକଟ ବ୍ରହ୍ମେଶ୍ୱର ମହେଶ ମନ୍ଦିର, ଘଷିପୁରା ବ୍ଲକ୍ ଦେଓଗାଁସ୍ଥିତ କୁଶଳେଶ୍ୱର ମହାଦେବ ମନ୍ଦିର, ହାଟଡ଼ିହୀର ଚକ୍ରତୀର୍ଥ ଶକ୍ତିପୀଠ ଓ ହଦଗଡ଼ ଡ୍ୟାମ, ପାଟଣା ବ୍ଲକ୍ ବୈତରଣୀ ନଦୀକୂଳରେ ଅବସ୍ଥିତ ରଘୁନାଥ ଜୀଉ ମନ୍ଦିର ଓ ଭୀମକୁଣ୍ଡ ଜଳପ୍ରପାତର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଛି।

ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ଚିଠି (ସଂଖ୍ୟା ୨୨୬୧/୧୦ ଫେବୃଆରୀ ୨୦୨୫)ରେ ରାଜ୍ୟର ୨୦ ନୂତନ ପର୍ଯ୍ୟଟନ କେନ୍ଦ୍ରକୁ ମାନ୍ୟତା ମିଳିଥିବା ନେଇ ଜିଲାପାଳମାନଙ୍କୁ ସୂଚିତ କରାଯାଇଛି। ପୂର୍ବରୁ ଜିଲା ପ୍ରଶାସନ ଏହିସବୁ କେନ୍ଦ୍ର ବିଷୟରେ ସମସ୍ତ ତଥ୍ୟ ସମ୍ବଳିତ ରିପୋର୍ଟ ପ୍ରଦାନ କରିଥିଲା। ନୂତନ ୭କୁ ମିଶାଇ ପର୍ଯ୍ୟଟନ କେନ୍ଦ୍ର ସଂଖ୍ୟା ଜିଲାରେ ୨୩ରେ ପହଞ୍ଚିଛି ବୋଲି କେନ୍ଦୁଝର ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

# ରାଶନ ଉଠାଉଥିଲେ ଶିକ୍ଷକ, ପୋଲିସ

- ଗୁମର ଖୋଲୁଛି ଆଧାର କେୱାଇସି
- ଧରାପଡ଼ିଲେ ୧୮୨୮ ଅଯୋଗ୍ୟ ହିତାଧିକାରୀ

ପାଟଣା,୧୨।୨ (ବୀର କିଶୋର ଦାଶ): ଅଭାବୀଙ୍କ ପେଟକୁ ଦାନା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, କେନ୍ଦ୍ର ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗାଣ ବିଭାଗ ଜରିଆରେ ମୁଣ୍ଡା ପିଛା ମାସକୁ ୫ କିଗ୍ରା ଚାଉଳ ଦେଉଛନ୍ତି। ପ୍ରତିବର୍ଷ ନୂତନ ହିତାଧିକାରୀ ରାଶନକାର୍ଡ ପାଇଁ ଆବେଦନ କରି ପଞ୍ଚାୟତରୁ ଆରମ୍ଭ କରି ଯୋଗାଣ ଅଧିକାରୀ, ବିଡିଓ ଓ ଜିଲାପାଳଙ୍କୁ ଦାବି କରୁଥିବା ବେଳେ କାର୍ଡ ମିଳୁନାହିଁ। ମାତ୍ର ଆୟକର ଦେଉଥିବା ଅନେକ ହଜାର ସ୍ୱଚ୍ଛଳ ବର୍ଗର ଲୋକେ ଏହି ଯୋଜନାରୁ ରାଶନ ହାତେଇଥିବା ଜଣାପଡ଼ିଛି, ଯାହାର ଗୁମର ଆଧାର କେୱାଇସି ପରେ ଖୋଲୁଛି। କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରେ ୧୦୭୪ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଥିବା ବେଳେ ସାହାରପଡ଼ା ବ୍ଲକ୍‌ରେ ୭୫୪ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ଏଥିରେ ଅନେକ ଶିକ୍ଷକ, ହିନ୍ଦୁ ଶିକ୍ଷକ, ଆର୍ମି ଅଫିସର, କମାଣ୍ଡୋ, ରେଭିନ୍ୟୁ ଅଫିସର, ପୋଲିସ, ଜେଲ ୱାର୍ଡର, ନର୍ସିଂ ଅଫିସର, ପଞ୍ଚାୟତ କୃଷି ଅଧିକାରୀ ସରକାରୀ ଯୋଜନା ହାତେଇଥିବା ଜଣାପଡ଼ିବା ପରେ ତଦନ୍ତ ଆରମ୍ଭ ହୋଇଛି। ଗତ ମାର୍ଚ୍ଚରେ ଆଧାର-ପାନ୍ ଯୋଗ କରିବା ବାଧ୍ୟତାମୂଳକ ହେବା ପରେ ଏନ୍‌ଆର୍‌ଏମ୍‌ଏସ୍ ସାଇଟ୍‌ରେ ଏଭଳି ତଥ୍ୟ ଦେଖିବାକୁ ମିଳିଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ପିଇଓମାନେ ଏହାର ତଦନ୍ତ ଆରମ୍ଭ କରିଛନ୍ତି। ପାଟଣା ବିଡିଓ ମାନସ ଦଣ୍ଡପାଟ କହିଛନ୍ତି, ଯାଞ୍ଚ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟି ଦିଆଯାଉଛି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗାଇଡ୍‌ଲାଇନ ଆସିଲେ ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷରେ ପାଟଣା ବ୍ଲକ୍ କଣ୍ଟିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ପୁରୁଣିଆ ଗ୍ରାମର ଗରିବ ଗଣନାଥ ମହାନ୍ତ ଓ ସ୍ତ୍ରୀ ଫୁଲମଣି ୫ ବର୍ଷ ହେବ ରାଶନକାର୍ଡ ପାଇବା ପାଇଁ ବ୍ଲକ୍‌କୁ ଦୌଡ଼ି ନୟାନ୍ତ ହେଉଥିଲେ ବି କାର୍ଡ ଖଣ୍ଡିଏ ପାଇନାହାନ୍ତି।

### ଶ୍ରୀ ବଳଦେବଜୀଉଙ୍କ ଗଜ ଉଦ୍ଧାରଣ ବେଶ

କେନ୍ଦୁଝର,୧୨।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଶ୍ରୀ ଜୀଉଙ୍କ ରୀତିନୀତି ଅନୁଯାୟୀ ପୂଜକ ମାନେ ପୂଜାର୍ଚ୍ଚନା କରିବା ସହ ଶ୍ରୀଜୀଉଙ୍କ ବେଶ କରିଥିଲେ। ଶ୍ରୀ ଜିଉଙ୍କ ନିଆରା ବେଶ ଦେଖିବାକୁ ସନ୍ଧ୍ୟାରେ ଭକ୍ତଙ୍କ ଭିଡ଼ ଜମିଥିଲା। ଦେବୋତ୍ତର ବିଭାଗ ପକ୍ଷରୁ ଉତ୍ସବ ପରିଚାଳନା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିବା ମନ୍ଦିର ପରିଚାଳକ ପଞ୍ଚାନନ ସାହୁ କହିଛନ୍ତି। ଶ୍ରୀଜୀଉ ଚକ୍ର ଦ୍ୱାରା କୁମ୍ଭୀର ଦାଉରୁ ଗଜଙ୍କୁ ଉଦ୍ଧାର କରିଥିଲେ।



ଶ୍ରୀ ବଳଦେବଜୀଉ ଗଚ ଉଦ୍ଧାରଣ ବେଶରେ ଦର୍ଶନ ଦେଉଛନ୍ତି।

### ଆମ ପୋଲିସ ସମିତିର ସୁରକ୍ଷା ସଚେତନତା

ହାଟଡିହୀ/ଛେନାପଦି,୧୨।୨ (ଶୁଭକାନ୍ତ ନାୟକ/ ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ନନ୍ଦିପଦା ଥାନା ଆମ ପୋଲିସ ସମିତି ତରଫରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅପରାହ୍ନ ୨ଟାରେ ଓରାଳି ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ରାକେଶ କୁମାର ସାହୁ, ଅତିରିକ୍ତ ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ସମିତି ସଦସ୍ୟ ସୁଧାଂଶୁ ଦକ୍ଷିଣରାୟ, ବୀରେନ୍ଦ୍ର ବିଶ୍ୱାଳ, ଦୁଃଶାସନ ସାହୁ, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆୟୋଜିତ ବୈଠକରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ସଚେତନତା ଦିଗରେ ବୁଝାଇଥିଲେ।

# ୩ ଲକ୍ଷ ଟଙ୍କା ଜମାକଲେ ସମିତି ସମ୍ପାଦକ

### ସମବାୟ ସମିତି ଅର୍ଥ ହେରଫେର ଘଟଣା

ହାଟଡ଼ିହୀ,୧୨।୨ (ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମରେଇଗାଁ ସେବା ସମବାୟ ସମିତିର ସମ୍ପାଦକ ଶରତ କୁମାର ସେଠୀ ୮୨ ଲକ୍ଷ ୪୨ ହଜାର ୬୭୨ ଟଙ୍କା ସମିତି ଅନୁଦାନ ହେରଫେର କରିଥିବା ୨୦୨୧-୨୨ ଅଡିଟ୍ ରିପୋର୍ଟରେ ସ୍ପଷ୍ଟ ହୋଇଥିଲା। ଘଟଣାକୁ ନେଇ ଡିଆର୍‌ସିଏସ୍‌ଙ୍କ ଅଫିସ ତରଫରୁ ପୂର୍ବ ନିର୍ଦ୍ଦେଶ ଅନୁସାରେ ସମିତିର କମିଟି ମ୍ୟାନେଜମେଣ୍ଟର ଡାଇରେକ୍ଟରମାନେ ବୁଧବାର କେନ୍ଦୁଝର ଡିଆର୍‌ସିଏସ୍ ଅଫିସରେ ହାଜର ହୋଇଥିଲେ। ମ୍ୟାନେଜମେଣ୍ଟର ଡାଇରେକ୍ଟରମାନଙ୍କୁ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ୨୪ ଘଣ୍ଟା ସମୟ ଦିଆଯାଇଛି। ଖୋଳତାଡ଼ କରାଯିବାରୁ ହେରଫେର ହୋଇଥିବା ମୋଟ ଅନୁଦାନରୁ ଫର୍ଟିଲାଇଜର(ସାର) ବାବଦରେ ୩ ଲକ୍ଷ ଟଙ୍କା ସମ୍ପାଦକ ସେଠୀ ବ୍ୟାଙ୍କରେ ଜମା କରିଥିବା କେନ୍ଦୁଝର ଡିଆର୍‌ସିଏସ୍ ଶୁଭ୍ରକାନ୍ତି ତୁଙ୍ଗ କହିଛନ୍ତି। ଅଡିଟ୍ ରିପୋର୍ଟରେ ଟଙ୍କା ରିକୋଭରି ପାଇଁ ଦର୍ଶାଯାଇ ସମିତି ସମ୍ପାଦକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି କେନ୍ଦୁଝର ଡିଆର୍‌ସିଏସ୍‌ଙ୍କୁ ୭ ଡିସେମ୍ବର ୨୦୨୪ରେ ନିର୍ଦ୍ଦେଶ ଜାରି ହୋଇଥିଲା। ସମବାୟ ସମିତିର କମିଟି ମ୍ୟାନେଜମେଣ୍ଟକୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲା। ଘଟଣାକୁ ନେଇ ଗତ ଜାନୁଆରୀ ୩୦ରେ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ମଧ ଅଭିଯୋଗ ହୋଇଥିଲା। ଅଭିଯୋଗରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ରାଜ୍ୟ ସମବାୟ ବିଭାଗ ଏବଂ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ତରଫରୁ କେନ୍ଦୁଝର ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ହୋଇଥିଲା।

# ହିଡ଼ କାଟିଦେଇ ଛାଡ଼ିଦେଲେ

- ଅଧାପନ୍ତରିଆ ୧୪ ଏକର ପୋଖରୀ
- ନଷ୍ଟ ହୋଇଗଲା ଅନେକ ଲକ୍ଷ ଟଙ୍କାର ସିମେଣ୍ଟ

ଯୋଡ଼ା,୧୨।୨ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୧ ନମ୍ବର ୱାର୍ଡର କମାରଯୋଡ଼ାଠାରେ ମୋ ପୋଖରୀ ଯୋଜନା ଫେଲ୍ ମାରିଛି। ଦୀର୍ଘ ୫ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଛି। ହିଡ଼ କାଟି ଛାଡ଼ି ଦେଇଥିବାରୁ ପାଣି ରହୁନି। ରାସ୍ତାକଡ଼ରେ ଅନେକ ଲକ୍ଷ ଟଙ୍କାର ସିମେଣ୍ଟ ପଡ଼ି ପଥର ପାଲଟିଗଲା। ପୋଖରୀ ପୁନରୁଦ୍ଧାର ଶେଷ ପାଇଁ ପୌରପାଳିକା ଓ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବାରୁ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଗାମୀ ୭ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ନ ହେଲେ ପୌର କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଉକ୍ତ ପୋଖରୀ ଉପରେ କମାରଯୋଡ଼ା ଓ ବାଂଶପାଣିର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭରଶୀଳ। ପ୍ରାୟ ୧୪ ଏକର ପରିମିତ ପୋଖରୀର ପଙ୍କ ଉଦ୍ଧାର ଓ କଂକ୍ରିଟ ହିଡ଼ ନିର୍ମାଣ କରିବା ନିମନ୍ତେ ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ରାଜ୍ୟ ସରକାର ମୋ ପୋଖରୀ ଯୋଜନାରେ ଓମ୍ୟାଡସିରୁ ୬ କୋଟି ଟଙ୍କା ମଞ୍ଜୁର କରିଥିଲେ। ପୋଖରୀ ନିର୍ମାଣ ନିମନ୍ତେ ଠିକାଦାର ନିଯୁକ୍ତ କରାଯାଇଥିଲା। ଠିକାଦାର ପକ୍ଷରୁ ପୋଖରୀର ପୁରୁଣା ହିଡ଼ କାଟି ମାତ୍ର କିଛି ଅଞ୍ଚଳ ଖନନ କରି ଅଧାପନ୍ତରିଆ କରି ବିଲ୍ ନେଇ ପଳାଇଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। ଏବେ ପୋଖରୀ ପୋତିହେବା ଫଳରେ ଜଳସ୍ତର ହ୍ରାସ ପାଇଲାଣି। ୱାର୍ଡବାସୀ ମହେନ୍ଦ୍ର ଶାହା, କାଳୀପଦ ଆପଟ୍ଟ, କାନ୍ଦୁରୁ ଆପଟ୍ଟ, ଶଶିକଳା ଆପଟ୍ଟ, କରୁଣା ବାରିକ, ଚନ୍ଦ୍ର ଆପଟ୍ଟ, ଈଶ୍ୱର ଆପଟ୍ଟ କହିଛନ୍ତି, ପୋଖରୀ ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ପୌରପାଳିକା ନିକଟରେ ଦାବି କଲେ କେହି ଶୁଣୁନାହାନ୍ତି। ସ୍ଥାନୀୟ ୱାର୍ଡର କାଉନ୍‌ସିଲର ବରୁଣ ଆପଟ୍ଟ କହିଛନ୍ତି, ପୋଖରୀ ନିର୍ମାଣ କାର୍ଯ୍ୟ ଚାଲୁ କରିବା ପାଇଁ ସେ କାଉନ୍‌ସିଲ ବୈଠକରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ମାତ୍ର ପୋଖରୀ ନିର୍ମାଣ କାର୍ଯ୍ୟ କ'ଣ ପାଇଁ ବନ୍ଦ ହେଲା ସେ ନେଇ ଅଧିକାରୀମାନେ ମୁହଁ ଖୋଲୁନାହାନ୍ତି। ପୁନରୁଦ୍ଧାର କାର୍ଯ୍ୟରେ ଖର୍ଚ୍ଚ ହୋଇଥିବା ଟଙ୍କାର ହିସାବ ମଧ ନ ଥିବା ବରୁଣ ଆପଟ୍ଟ କହିଛନ୍ତି। ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଡ. ଜଗଦୀଶ ପ୍ରସାଦ ସାହୁ କହିଛନ୍ତି, ପୋଖରୀ ପୁନରୁଦ୍ଧାର ବାବଦରେ ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମଞ୍ଜୁର ହୋଇଥିବା ଅବଶିଷ୍ଟ ଟଙ୍କା ସରକାରଙ୍କ ତହବିଲକୁ ଫେରିଯାଇଛି। ଏକ ନୂତନ ଯୋଜନା ପ୍ରସ୍ତୁତ କରାଯାଇ ଜିଲାପାଳଙ୍କ ନିକଟରେ ଦାଖଲ କରାଯାଇଛି। ପୁଣି ଅର୍ଥ ମଞ୍ଜୁର ହେଲେ ଖୁବ୍‌ଶୀଘ୍ର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ।



ପୋଖରୀ ପୋତିହୋଇ ପଡ଼ିଆରେ ପରିଣତ ହୋଇଯାଇଛି।

# ଔପଦା ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

ଔପଦା, ୧୨।୨ (ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଔପଦା ନୋଡ଼ାଲ ହାଇସ୍କୁଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଇଓ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିସିବିମ୍ବା ପାତ୍ର ଯୋଗଦେଇ ସରକାରଙ୍କ ଏହି ଯୋଜନାକୁ ସାଧୁବାଦ ଜଣାଇ ପିଲାମାନେ ଏହି ମେଳାରେ ସାମିଲ ହୋଇଥିବାରୁ ସେମାନଙ୍କର ବୌଦ୍ଧିକ ବିକାଶ ଘଟିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରଭାକର ସାହୁ ସରକାର ଯୋଜନା କରିଦେଲେ ହେବ ନାହିଁ ବିଦ୍ୟାଳୟରେ ଶିକ୍ଷାଗ୍ରହଣ କରୁଥିବା ପିଲାମାନଙ୍କର ମାନ ବୃଦ୍ଧି ପାଇଁ ଶିକ୍ଷୟିତ୍ରୀଶିକ୍ଷକମାନେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ମୁନି ସିଂ, ତଳକିଆ ସରପଞ୍ଚ ଦୀପ୍ତିରାଣୀ ନାୟକ, ଔପଦା ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସ, ଏବିଇଓ ରତ୍ନାକର ଦାସ, ସୀତା ହାସଦା, ସିଆର୍‌ସିସି ଯୁଗଳକିଶୋର ରାଉତ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କର ବୌଦ୍ଧିକ ବିକାଶ ପାଇଁ ସରକାରଙ୍କ ନିପୁଣ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ଷ୍ଟଲ କରାଯାଇଥିବା ବେଳେ କୁନି କୁନି ପିଲାମାନଙ୍କୁ ନେଇ ନୃତ୍ୟ ପରିବେଷଣ କରାଯାଇଥିଲା। ଶିକ୍ଷକ ସୁଶାନ୍ତ କୁମାର ନାୟକ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କ୍ଲଷ୍ଟରରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକ ଓ ସିଆର୍‌ସିସିମାନଙ୍କୁ ପୁରସ୍କୃତ କରାଯାଇଥିଲା।



ନିପୁଣ ଓଡ଼ିଶା ମେଳା।

# କାଶିବେଡ଼ାରେ ମାଘେ ପରବ ଆରମ୍ଭ

ଢେଙ୍କିକୋଟ,୧୨।୨ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଖଣ୍ଡଘର ପଞ୍ଚାୟତ କାଶିବେଡ଼ା ଗ୍ରାମ ମୁଣ୍ଡା ସାହିରେ ବୁଧବାର ଅପରାହ୍ନ ୪ ଟା ୩୦ ବେଳେ ଆଦିବାସୀ ପରମ୍ପରା, ବିର୍ସା ମୁଣ୍ଡାଙ୍କ ଉଦ୍ଦେଶ୍ୟରେ ମାଘେ ପରବ ଉଦ୍‌ଘାଟନ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ କାଶିବେଡ଼ା ଗ୍ରାମ ମୁଣ୍ଡା ସାହିର ପାଣ୍ଡବ ଚାତମା, ମୁଖ୍ୟ ବକ୍ତା ହୋ ସମାଜର ହାସ୍ୟ ଅଭିନେତା ରାଜେଶ ବାନ୍ଦ୍ରା, ସମ୍ମାନୀୟ ଅତିଥିଭାବେ ହୋ ସମାଜର ହାସ୍ୟ ଅଭିନେତ୍ରୀ ମିନୁ ପାଣ୍ଡେ, ସମାଜର କଣ୍ଠଶିଳ୍ପୀ ସୁନିତା ଦେଓଗାମ ଯୋଗ ଦେଇଥିଲେ। କାଶିବେଡ଼ା ଗ୍ରାମର ମାଘେ ପରବ କମିଟିର ସଦସ୍ୟ ରାଜେଶ ଗାଗରାଇ, ଦଶରଥ ମୁଣ୍ଡା, ଲୋକନାଥ ମହାନ୍ତ, କୈଳାସ ମୁଣ୍ଡା, ବିଜୟ ମୁଣ୍ଡା, ଗୌରାଙ୍ଗ ମୁଣ୍ଡା ପ୍ରମୁଖ ପରବକୁ ଶାନ୍ତିଶୃଙ୍ଖଳା ଓ ସରସସୁନ୍ଦର କରିବାରେ ସହଯୋଗ କରିଥିଲେ। ହୋ ସମାଜର କେନ୍ଦୁଝର ଏବଂ ଜିଲା ବାହାରୁ ବିଭିନ୍ନ ଗ୍ରାମର ଦଳ ଆସି ମାଘେ ପରବ ପଡିଆରେ ନୃତ୍ୟ ପରିବେଷଣ କରିଥିଲେ। ଏହି ପରବ ୩ ଦିନ ଧରି ଚାଲୁ ରହିବ ବୋଲି ପରବର ମୁଖ୍ୟ ପାଣ୍ଡବ ଚାତମା ପ୍ରକାଶ କରିଛନ୍ତି। ମାଘେ ପରବ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଅନେକ ହଜାର ଦର୍ଶକ ଉପସ୍ଥିତ ଥିଲେ।



ଆଦିବାସୀ ମହିଳାମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି।

### ବନାଗ୍ନି ନିୟନ୍ତ୍ରଣ ସଚେତନତା

ଯୋଡ଼ା,୧୨।୨ (ମାନସ ମହାନ୍ତି)

କେନ୍ଦୁଝର ଜିଲା ବନ ବିଭାଗ ଆନୁକୂଲ୍ୟରେ ଜିଲା ସଂସ୍କୃତି ବିଭାଗର ସହଯୋଗରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ବିଭିନ୍ନ ଗ୍ରାମରେ ଲୋକେ କିପରି ଏଥିପ୍ରତି ଯତ୍ନବାନ ହେବେ ତାହା ପାଲା ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ପୂର୍ବାହ୍ନ ୧୦ ଘଟିକାରୁ ଯୋଡ଼ା ସେକ୍ସନର ବିରିକଳା, ମୁଟୁଦା, ଧୁବୁଲାବେଡ଼ା ଓ ବାଚୁହଟିଂରେ ପାଲା ପରିବେଷଣ କରାଯାଇଥିଲା। ଆସନ୍ତା ଏକ ସପ୍ତାହ ମଧ୍ୟରେ ୧୭ ଗ୍ରାମରେ ପାଲା ମାଧରେ ଲୋକଙ୍କୁ ସଚେତନ କରାଯିବାର କାର୍ଯ୍ୟକ୍ରମ ରହିଥିବା ଯୋଡା ବନ ପାଳ ତ୍ରିନାଥ ଜେନା କହିଛନ୍ତି। ଯୋଡ଼ା ବନପାଳଙ୍କ ସହିତ ବନରକ୍ଷୀ ନିଲମ ମହାନ୍ତ, ସୁରଜ ଦାସ ଓ ବନ ସ୍କ୍ୱାଡ ଗ୍ରାମଗୁଡ଼ିକରେ ପରିଚାଳନା କରୁଥିବା ସୂଚନା ମିଳିଛି।

# 'ସକାରାତ୍ମକ ଚିନ୍ତାଧାରା ବଢ଼ିବାକୁ ପ୍ରେରଣା ଦିଏ'



ଅତିଥିଙ୍କ ଗହଣରେ କୃତୀ ପ୍ରତିଭା।

### ବାଲିଆପାଳ ମହୋତ୍ସବର ପଞ୍ଚମ ସନ୍ଧ୍ୟା

ବାଲିଆପାଳ, ୧୨।୨ (ଗୋପାଳ ଚନ୍ଦ୍ର ସାହୁ)

ମହୋତ୍ସବ ପ୍ରତିଭା ଅନ୍ୱେଷଣ କରେ। ସକାରାତ୍ମକ ଚିନ୍ତାଧାରାରେ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ ବୋଲି ମଙ୍ଗଳବାର ବାଲେଶ୍ୱର ଜିଲା ଅଧୀନ ବାଲିଆପାଳର ଦ୍ୱାଦଶ ବାଲିଆପାଳ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ମହୋତ୍ସବ କମିଟି ଦ୍ୱାରା ପ୍ରତ୍ୟେକ ଦିନ ସଭା ପୂର୍ବରୁ ସ୍ଥାନୀୟ ଅଞ୍ଚଳର ପ୍ରତିଭାମାନଙ୍କୁ ନେଇ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଭାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଉଛି। ଉତ୍ସବ କମିଟିର ବରିଷ୍ଠ ସଦସ୍ୟ ଶ୍ରୀଗୋବିନ୍ଦ ଦେବାଶିଷ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଲିଆପାଳ ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ମୁଖ୍ୟବକ୍ତା ଭାବେ ସେଇଠୁ ଆରମ୍ଭ ଦୈନିକ ଖବରକାଗଜର ସମ୍ପାଦକ ଶୁଭେନ୍ଦୁ ଦାସ, ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ନିର୍ମାଣ ଓ ଉପବିଭାଜନ ବିଭାଗ ବାଲିଆପାଳର ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ଅବନୀ କୁମାର ରାଉତ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। କମିଟିର ବରିଷ୍ଠ ସଦସ୍ୟ ପ୍ରଦୀପ୍ତ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟିର ବରିଷ୍ଠ ସଦସ୍ୟ ବିଜୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡ଼ିର ନୃତ୍ୟ ସଙ୍ଗୀତ ତାଳେ ତଳେ ଦର୍ଶକ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଝୁମିଥିଲେ। କମିଟିର ଆବାହକ ଇଂ. ସୁଶାନ୍ତ କୁମାର ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ସଦସ୍ୟ ଡ. ସୁଶାନ୍ତ ଦାସ, ଅରୁଣ କୁମାର ପାତ୍ର, ବ୍ୟୋମକେଶ ସାହୁ, ପ୍ରବୀର ସୀ, ଜଗନ୍ନାଥ ବାରିକ, ସତ୍ୟବ୍ରତ ରାୟ, ହରବନ୍ଧୁ ଜେନା, ନରେଶ ସାହୁ, କୃଷ୍ଣବତ୍ସଳ ସାହୁ, ସଞ୍ଜୀବ ପାତ୍ର, ଉମାକାନ୍ତ ନାୟକ ଓ ମୁନା ପରିଡ଼ା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିଖୋଜ ନାବାଳିକାଙ୍କ ମୃତଦେହ ଜବତ

ରାଇରଙ୍ଗପୁର,୧୨।୨(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଞ୍ଚଳରୁ ନିଖୋଜ ଜଣେ ନାବାଳିକାଙ୍କ ଗଳିତ ମୃତଦେହ ବୁଧବାର ସୁଦର୍ଶନପୁର ପଞ୍ଚାୟତ ଦୁଲାଡୋ ଗ୍ରାମ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଛି। ମୃତ ନାବାଳିକା ଜଣକ ଗୋରୁମହିଷାଣୀ ଅଞ୍ଚଳର ଏକ ଆଶ୍ରମ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢ଼ୁଥିଲେ। ଗତ ମକର ଛୁଟିରେ ସେ ଘରକୁ ଆସିବା ପରେ ଜାନୁଆରୀ ୩୧ ତାରିଖରେ ନିଖୋଜ ହୋଇଯାଇଥିଲେ। ଫେବୃଆରୀ ୮ ତାରିଖରେ ପରିବାର ଲୋକେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମିସିଙ୍ଗ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମୃତଦେହ ଜବତ ପରେ ପରିବାର ଲୋକେ ଚିହ୍ନଟ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨/୨୫) ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରିଣୀ ବବିତା ପୁହାଣ କହିଛନ୍ତି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ସେ ନେଇ ସାଧାରଣରେ ବିଭିନ୍ନ କଥା ଆଲୋଚନା ହେଉଛି।

# ଅପହରଣ ପଛରେ କ୍ରିପ୍ଟୋ କଏନ୍ କାରବାର

- କରଞ୍ଜିଆରୁ ଅପହୃତ ଶିକ୍ଷକ ତାଳଚେରରୁ ଉଦ୍ଧାର
- ୩ ଅଭିଯୁକ୍ତ ଗିରଫ, ନାବାଳକ ଅଟକ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/କରଞ୍ଜିଆ(କବିତା ମହାନ୍ତ)/ଠାକୁରମୁଣ୍ଡା(ତାରାକାନ୍ତ ପଟ୍ଟନାୟକ),୧୨।୨

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଞ୍ଚଳରୁ ଅପହୃତ ଜଣେ ଶିକ୍ଷକଙ୍କୁ ୪୮ ଘଣ୍ଟା ପରେ ପୋଲିସ ତାଳଚେରରୁ ଉଦ୍ଧାରକରିଛି। ଅପହରଣରେ ଜଡ଼ିତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ଜଣେ ନାବାଳକଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ଏହି ଅପହରଣ ପଛରେ କ୍ରିପ୍ଟୋ କଏନ୍ ଏବଂ ଅନ୍‌ଲାଇନ ଟ୍ରେଡିଂ ବ୍ୟବସାୟ ରହିଥିବା ପୋଲିସ କହିଛି। ଅଭିଯୁକ୍ତମାନେ ହେଲେ କିଶୋରୀପାଳ ଥାନା ଅଞ୍ଚଳର ସୌଭାଗ୍ୟ ଦାସ, ନାଲ୍‌କୋ ଥାନା ଅମାତପୁର ଅଞ୍ଚଳର ବ୍ରହ୍ମାନନ୍ଦ ନାଏକ ଓ ଅନୁଗୋଳ ଥାନା ବଡ଼ଦାଣ୍ଡସାହିର ପ୍ରଭାତ କୁମାର ମହାନ୍ତି।

ସୂଚନାଯୋଗ୍ୟ, କରଞ୍ଜିଆ ଏନ୍‌ଏସିରେ ରହୁଥିବା ଯଶିପୁର ବ୍ଲକ ଏକତାଳି ପଞ୍ଚାୟତ ଧୁଡୁକୁ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରବୀନ୍ଦ୍ର ନାଥ ସି ଗତ ୧୦ ତାରିଖ ଅପରାହ୍ଣ ୪ଟାରେ ନିଜ କାର୍ ଯୋଗେ ଘରକୁ ଫେରୁଥିଲେ। କୁରୁଳିଆ ନିକଟସ୍ଥ କୁଆଁରପଲି ନିକଟରେ ଦୁଇଟି କାର୍‌ରେ କେତେଜଣ ଲୋକ ଆସି ତାଙ୍କୁ ଅଟକାଇଥିଲେ। ପରେ ଶିକ୍ଷକ ରବୀନ୍ଦ୍ରଙ୍କୁ ମାରଧର କରି ବଳପୂର୍ବକ ଅପହରଣ କରିନେଇଥିଲେ। ଖବରପାଇ ପରିବାର ଲୋକେ କରଞ୍ଜିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରବୀନ୍ଦ୍ର କ୍ରିପ୍ଟୋ କଏନ ଏବଂ ଅନଲାଇନ ଟ୍ରେଡିଂ ବ୍ୟବସାୟରେ ଲିପ୍ତ ରହିଥିବା ଜାଣିବା ପରେ ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଥିଲା। ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶ କ୍ରମେ କରଞ୍ଜିଆ ଏସ୍‌ଡିପିଓ ସୁବ୍ରତ କୁମାର ଏକ ୪ ଜଣିଆ ଟିମ୍ ଗଠନ କରି ଫୋନ ଟ୍ରାକିଂ ମାଧ୍ୟମରେ ତାଳଚେରରେ ପହଞ୍ଚିଥିଲେ। ସେଠାରେ ଅପହରଣକାରୀମାନେ ଶିକ୍ଷକଙ୍କୁ ଏକ ଜଙ୍ଗଲ ମଧ୍ୟରେ ରଖି ନିସ୍ତୁକ ମାଡ଼ ମାରିବା ସହ ତାଙ୍କଠାରୁ ସୁନା ମୁଦି, ଚେନ ଓ ମୋବାଇଲ ଛଡ଼ାଇ ନେଇଥିଲେ। ତେବେ ପୋଲିସ ଟିମ୍ ଜଙ୍ଗଲ ମଧ୍ୟରୁ ଶିକ୍ଷକଙ୍କୁ ଉଦ୍ଧାର କରିବା କରିବା ସହ ୪ ଜଣଙ୍କୁ କାବୁ କରିଥିଲା। ଘଟଣାସ୍ଥଳରୁ ୩ ଜଣ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଏକ ମାରୁତି ସୁଜୁକି କାର୍ ମଧ୍ୟ ପୋଲିସ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ଅପହରଣକାରୀମାନେ ପୂର୍ବରୁ ଠାକୁରମୁଣ୍ଡା ଥାନା ଅଞ୍ଚଳରୁ ଜଣେ ମହିଳାଙ୍କୁ ଅପହରଣ କରିଥିଲେ। କ୍ରିପ୍ଟୋ କଏନ କାରବାରରେ ଏକ ର୍‍ୟାକେଟ ସାରା ରାଜ୍ୟରେ ବ୍ୟବସାୟ ଚଳାଉଥିବା ବେଳେ ଏହି ର୍‍ୟାକେଟର କେତେଜଣ ସଦସ୍ୟଙ୍କ ସହ କେନ୍ଦୁଝରସ୍ଥିତ ଏକ ହୋଟେଲରେ ଶିକ୍ଷକ ରବୀନ୍ଦ୍ରଙ୍କ ସହ ପ୍ରଥମ ସାକ୍ଷାତ ହୋଇଥିଲା। ତେବେ ଅପହରଣ ପୂର୍ବରୁ ଶିକ୍ଷକଙ୍କୁ ଟଙ୍କା ମାଗିବା ଏବଂ ଟଙ୍କା ନ ଦେଲେ ଅପହରଣ କରିବାକୁ ସେମାନେ ଧମକଚମକ ମଧ୍ୟ ଦେଇଥିଲେ ବୋଲି ପୋଲିସ ସୂଚନା ଦେଇଛି।


ଧରାପଡ଼ିଥିବା ଅଭିଯୁକ୍ତମାନେ।

## ଭାଜପା ପକ୍ଷରୁ ସମର୍ପଣ ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କର୍ମକର୍ତ୍ତାମାନେ।

ମୋରଡ଼ା,୧୨।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିତ୍ରଡ଼ା ମଣ୍ଡଳର ହଳଦୀପାଳଠାରେ ପଣ୍ଡିତ ଦିନଦୟାଲ ଉପଧ୍ୟାୟଙ୍କ ପୁଣ୍ୟ ତିଥି ପାଳନ ହୋଇଯାଇଛି। ଭାଜପା ମଣ୍ଡଳ ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ମଣ୍ଡଳସ୍ତରୀୟ ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଉକ୍ତ ବୈଠକରେ ସବିତା ଜେନା, ପ୍ରଶାନ୍ତ ପାଟବନ୍ଧା, ରଞ୍ଜିତ ରାଉତ, ତପନ ତାପସ ସିଂହ, ମଣ୍ଡଳ ସାଧାରଣ ସମ୍ପାଦକ ପ୍ରକାଶ ଜେନା, ରାୟ ବାହାଦୁର ହେମ୍ବ୍ରମ, ଚିତ୍ତରଞ୍ଜନ ଭୁୟାଁ, ଜିଲ ପ୍ରତିନିଧି ନେତ୍ରାନନ୍ଦ ଦାସ, କୈଳାଶ ମହାନ୍ତ, ଜୟନ୍ତ ମହାନ୍ତ, ଡାକ୍ତର ମହାନ୍ତ, ପ୍ରଦୀପ କୁମାର ବେହେରା, ଅମ୍ବରିଶ ବେହେରା, ଦୀନବନ୍ଧୁ ହେମ୍ବ୍ରମ, ରବୀନ୍ଦ୍ର ମହନ୍ତ, ବୁଦ୍ଧେଶ୍ୱର ବେହେରା, ଜଗେନ୍ଦ୍ର ମହାନ୍ତ, ମଣ୍ଟୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛତିଶ ମହାନ୍ତ ଧନ୍ୟବାଦ ଦେଇଥିଲେ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

# ବିଦୁ ଚାନ୍ଦାନ ପୂଜା


ବିଦୁ ଚାନ୍ଦାନ ପୂଜା କରାଯାଉଛି।

ବାରିପଦା,୧୨।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଦୁ ଚାନ୍ଦାନ ପୂଜା ବୁଧବାର ପୂର୍ବାହ୍ଣ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ହେରିଟେଜ କ୍ଲବ ଓ ସାନ୍ତାଳୀ ବିଭାଗ ଦ୍ୱାରା ଆୟୋଜିତ ଏହି ପୂଜାରେ ବିଶ୍ୱବିଦ୍ୟାଳୟର ପବିତ୍ର କୁଞ୍ଜସ୍ଥିତ ଜାହିରାପୀଠରେ ଜ୍ଞାନ, ବୁଦ୍ଧି, ଶିକ୍ଷା ଏବଂ ସମସ୍ତ କଳାର ପ୍ରତିନିଧିତ୍ୱ କରୁଥିବା ଦେବଦେବୀ ବିଦୁ ଚାନ୍ଦାନଙ୍କୁ ପୂଜା କରାଯାଇଥିଲା। ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏବଂ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ସାନ୍ତାଳୀ ବିଭାଗର ମୁଖ୍ୟ ଡ. ଯତୀନ୍ଦ୍ରନାଥ ବେଶ୍ରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ନୃତତ୍ତ୍ୱ ଓ ଜନଜାତି ବିଭାଗର ସହଯୋଗୀ ପ୍ରଫେସର ଡ. ବସନ୍ତ କୁମାର ମହାନ୍ତ ଯୋଗଦେଇ ସମଗ୍ର ଛୋଟନାଗପୁର ଅଞ୍ଚଳର ଅଧିବାସୀଙ୍କ ମଧ୍ୟରେ ବିଦୁ ଚାନ୍ଦାନ ପୂଜାର ମହତ୍ତ୍ୱ ଉପସ୍ଥାପନା କରିଥିଲେ। ସାମାଜିକ କାର୍ଯ୍ୟ ବିଭାଗର ସହକାରୀ ପ୍ରଫେସର ଡ. ଶୁଭେନ୍ଦୁ କୁମାର ଶତପଥୀ ନିଜ ବକ୍ତବ୍ୟରେ ଏହି ପର୍ବ ପାଳନ ଆମର ସ୍ଥାୟୀ ପରମ୍ପରା ଏବଂ ମୂଲ୍ୟବୋଧକୁ ପୁନର୍ଜୀବିତ କରିଥାଏ ବୋଲି ମତପ୍ରଦାନ କରିଥିଲେ। ବିଭାଗର ସହକାରୀ ପ୍ରଫେସର ଡ. ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଇନ୍ଦ୍ରଜିତ ନାଏକ, କମ୍ପ୍ୟୁଟର ପ୍ରୟୋଗ ବିଭାଗର ପ୍ରଫେସର ଏମ ହିମବିନ୍ଦୁ, ସହକାରୀ ପ୍ରଫେସର ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଡ. ସ୍ୱରୁପାନନ୍ଦ ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା ଏବଂ ସାନ୍ତାଳୀ ବିଭାଗର ଅଧ୍ୟାପକ ଦୁର୍ଗା ସୋରେନ ଓ ପିଡୁଆନୁ ଠାକୁର ମୁର୍ମୁ ପ୍ରମୁଖ ପରିଚାଳନା କରିଥିଲେ। ଏହି ପୂଜାରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଏହି ପୂଜାରେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବାରିପଦା ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟିଙ୍ଗ ଆଣ୍ଡ ମ୍ୟାନେଜମେଣ୍ଟର ସାନ୍ତାଳୀ ବିଭାଗର ଛାତ୍ରଛାତ୍ରୀମାନେ ମଧ୍ୟ ଯୋଗଦେଇଥିଲେ।

## ମାସିକ ସନ୍ଥ ଦିବସ

ବାରିପଦା,୧୨।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମାଘ ପୂର୍ଣ୍ଣମୀ ତିଥିରେ ସ୍ଥାନୀୟ ମଧୁବନ ବାରୁଣେଶ୍ୱର ସଭା କକ୍ଷରେ ଅବସରପ୍ରାପ୍ତ ପ୍ରାଚାର୍ଯ୍ୟ ଦାମୋଦର ପତିଙ୍କ ପୌରହିତ୍ୟରେ ସଭାବନା ସମିତିର ୫୫୦ତମ ମାସିକ ସନ୍ଥ ଦିବସ ପାଳିତ ହୋଇଯାଇଛି। ମୁନିଋଷିଙ୍କ ପ୍ରାଚ୍ୟ ସଭ୍ୟତାରେ କଳା ନାମରେ ଅଶ୍ଳୀଳତା, ସୁସାହିତ୍ୟ ବଦଳରେ ବ୍ୟକ୍ତିଗତ ସାହିତ୍ୟ ଚାଷକୁ ପ୍ରାଧାନ୍ୟ, ଭୋଗବାଦୀ ସଂସ୍କୃତି ସମାଜ ବିନାଶର ଛାଇ ବୋଲି ପ୍ରସଙ୍ଗ ରଖାଯାଇଥିଲା। ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖି କଳା ଅଶ୍ଳୀଳତାର ଝଲକ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ସୁସାହିତ୍ୟକୁ ବାଦ ଦେଇ ସାହିତ୍ୟ ଚାଷ ସାମାଜିକ ଉପଚାର ନୁହେଁ, ସଂସ୍କୃତି ନାମରେ ଜୀବନ ଶୈଳୀକୁ ରଙ୍ଗୀନ କରି ଆତ୍ମଗ୍ଳାନୀରେ ପରାସ୍ତ ସଙ୍ଗୀନ ମାନଙ୍କ ପାଇଁ ସମାଜ ଉଜୁଡି ଯାଉଛି । ତେବେ ସମାଜର ପ୍ରକୃତ ମୁଣ୍ଡିଆଳମାନେ ଏ ସବୁ ବିରୋଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିବାକୁ ପ୍ରବକ୍ତାମାନେ ମତପ୍ରକାଶ କରିଥିଲେ। ଏହି ଦିବସରେ ବିବେକାନନ୍ଦ କେନ୍ଦ୍ରର ସହର ସଞ୍ଚାଳକ ସନ୍ଦିପ କୁମାର ଚାନ୍ଦ, ଗାୟତ୍ରୀ ପରିବାରର ଗଗନ ବିହାରୀ ବେହେରା, ପ୍ରଜାପିତାର ଭଉଣୀ ବ୍ରହ୍ମ କୁମାରୀ ମାମୁନି, ଖାଲସାପନ୍ଥର ସର୍ଦ୍ଦାର ହରଚରଣ ସିଂ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଯୋଗେନ୍ଦ୍ର ପଣ୍ଡା, କୁଞ୍ଜବନ ପୃଷ୍ଟି, ସଦସ୍ୟ ରଘୁନାଥ ପଣ୍ଡା, ରବୀନ୍ଦ୍ର ନାଥ ନାୟକ ଓ ଅଶୋକ କୁମାର ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ସତ୍ୟାନନ୍ଦ ସେଜପଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହ ସମ୍ପାଦକ ଇଂ. ସରୋଜ କୁମାର ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

# ସରିଲା ଧେଣ୍ଡଗାଁ ଭୀମ ମେଳା

ଝାରପୋଖରିଆ, ୧୨।୨ (ସୁଧିର କୁମାର ମହାନ୍ତ)

ସାରସକଣା ବ୍ଲକ ଅଧୀନ ଧେଣ୍ଡଗାଁ ଗ୍ରାମବାସୀଙ୍କ ଉଦ୍ୟମରେ ଆୟୋଜିତ ପଞ୍ଚ ଦିବସୀୟ ଭୀମମେଳା ବୁଧବାର ଅପରାହ୍ଣ ୨ଟାରେ ଉଦ୍‌ଯାପିତ ହୋଇଯାଇଛି।

ବଡ଼ସାହି ବ୍ଲକ ଆରପଟା ଗ୍ରାମର ଶିଳ୍ପୀ ତ୍ରିନାଥ ପାତ୍ରଙ୍କ ଦ୍ୱାରା ଭୀମଶିଳା ନିକଟରେ ଲକ୍ଷ୍ମୀ ନାରାୟଣ ଓ ଭୀମପୂଜା ମଣ୍ଡପ ନିକଟ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସଂକୀର୍ତ୍ତନ ମଣ୍ଡପଠାରେ ରାଧାକୃଷ୍ଣଙ୍କ ଯୁଗଳ ମୃଣ୍ମୟ ମୂର୍ତ୍ତି ସହିତ ଭୀମଶିଳା ଉପକଣ୍ଠରେ ୨୨ ଫୁଟ ଉଚ୍ଚତା ବିଶିଷ୍ଟ ଭୀମମୂର୍ତ୍ତି କରାଯାଇ ମେଳା ଉତ୍ସବ ଅନୁଷ୍ଠିତ ହୋଇଛି। ଭୀମମେଳା ଉତ୍ସବର ପ୍ରଥମ ଦିବସରେ ପର୍ଶୁରାମ କରଙ୍କ ଦ୍ୱାରା ଗ୍ରାମ୍ୟ ପୁଷ୍କରିଣୀରୁ ଗ୍ରାମବାସୀଙ୍କ ଦ୍ୱାରା ଘଟ ଉତ୍ତୋଳନ କରାଯାଇ ଭୀମଶିଳାଠାରେ ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ତା ପରଦିନ ପୋଖରିଆ ଗ୍ରାମର ବୈଷ୍ଣବ ବୈଦ୍ୟନାଥ ଦାସଙ୍କ ଦ୍ୱାରା ଏକୋଇଶି ଘଟ ଉତ୍ତୋଳନ କରି ଭୀମ ପୂଜା ସ୍ଥଳ ହରିନାମ ସଂକୀର୍ତ୍ତନ ମଣ୍ଡପର ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ନିକଟରେ ସ୍ଥାପନ କରି ରୀତିନୀତି ଅନୁଯାୟୀ ଅଧିବାସ କରାଯାଇ ସଂକୀର୍ତ୍ତନ ଦଳକୁ ନେଇ ଷୋହଳ ପ୍ରହର ହରିନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏହି ମେଳାରେ ଦୈନିକ ପ୍ରାୟ ୪ରୁ ୫ ହଜାର ଶ୍ରଦ୍ଧାଳୁ ସମବେତ ହୋଇଥିଲେ। ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ସହିତ ଅଞ୍ଚଳର ଶତାଧିକ ବ୍ୟବସାୟୀ ନିଜ ନିଜର ବ୍ୟବସାୟିକ ପସରା ମେଲାଇ ବେପାର କରିଥିଲେ। ଉକ୍ତ ମେଳା ଉତ୍ସବ ଆଜକୁ ୨୮ ବର୍ଷଧରି ଗ୍ରାମବାସୀମାନେ ଆୟୋଜନ କରିଚାଲିଥିବା ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ସନ୍ୟାସୀ ପାତ୍ର ଓ ସୁଶିଲ ଚନ୍ଦ୍ର ପାତ୍ର କହିଛନ୍ତି। ଗ୍ରାମବାସୀଙ୍କ ଦ୍ୱାରା ମେଳା ଉପଲକ୍ଷେ ସମସ୍ତ ଭକ୍ତ, ସଂକୀର୍ତ୍ତନ ମଣ୍ଡଳୀ, ଆଖପାଖ ଗ୍ରାମର ସମସ୍ତ ଦର୍ଶାନାଭିଳାସୀଙ୍କୁ ଅର୍ଣ୍ଣଛତ୍ର ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ଗ୍ରାମର ବୈଲୋଚନ ପାତ୍ର ସୂଚନା ଦେଇଛନ୍ତି।


ଆକର୍ଷଣ ସାଜିଥିବା ଭୀମ ମୂର୍ତ୍ତି।

# ଖଇରା ଏଭିଏମ୍ ସ୍କୁଲର ବାର୍ଷିକୋତ୍ସବ



ମଞ୍ଚାସୀନ ଅତିଥି।

ଖଇରା, ୧୨।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରାସ୍ଥିତ ଏଭିଏମ ଇଂରାଜୀ ମିଡିୟମ ସ୍କୁଲର ୧୫ତମ ବାର୍ଷିକୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସୁକାନ୍ତ କୁମାର ଗାହାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚରମ୍ପା ମହାବିଦ୍ୟାଳୟର ଅଧ୍ୟକ୍ଷ ପିତାମ୍ବର ନାୟକ ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟବକ୍ତା, ଅଧ୍ୟାପକ ବନମାଳୀ ବାରିକ ଓ ସ୍ୱଚ୍ଛ ଭାରତ ଅଭିଯାନର ସାରଥୀ ଗୟାଧର ବିଶ୍ୱାଳ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ପ୍ରାର୍ଥନା, ଗୁରୁଜନଙ୍କୁ ଭକ୍ତି ତଥା ଶୃଙ୍ଖଳିତ ଆଚରଣ ଦ୍ୱାରା ସଫଳତା ହାସଲ କରାଯାଇପାରିବ ବୋଲି ପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତିଶ୍ରୀ ନନ୍ଦ ଓ ମମତାରାଣୀ ନାୟକ ଅତିଥି ପରିଚୟ ଓ ତାପସୀ ଖଟୁଆ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଆଲଫାରାଣୀ ଦାସ, ଜିକେ ଶ୍ୱେତାମ୍ବରୀ, ଜ୍ୟୋତିପ୍ରଭା ମହାନ୍ତି, ସାଇପ୍ରିୟା ସେଠୀ, ଶ୍ରୀଲିପ୍ସା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ପରିଚାଳକ ପ୍ରଶାନ୍ତ ଦ୍ୱିବେଦୀଙ୍କ ଉପସ୍ଥିତି ଓ କଣ୍ଠଶିଳ୍ପୀ ଲକ୍ଷ୍ମୀପ୍ରିୟା ଓ ପଦ୍ମନାଭଙ୍କ ସଙ୍ଗୀତ ଉତ୍ସବକୁ ଅଧିକ ରୋଚକ କରିଥିଲା।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗାଁସାଥୀଙ୍କ ବିକ୍ଷୋଭ

ବାରିପଦା,୧୨।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ): ଓଡ଼ିଶା ପ୍ରଦେଶ ଗାଁସାଥୀ(ମେଟ) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ମୟୂରଭଞ୍ଜ ଜିଲା ଆନୁକୂଲ୍ୟରେ ବିଭିନ୍ନ ଦାବି ପୂରଣ ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ପୂର୍ବାହ୍ଣ ୧୧ଟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ବର୍ତ୍ତମାନ ରାଜ୍ୟ ସରକାରଙ୍କ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ୨୦୦୮ରୁ ଅଦ୍ୟାବଧି ରାଜ୍ୟ ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ଆଶାୟୀ ସମସ୍ତ ଗାଁସାଥୀମାନଙ୍କୁ ଠିକ୍ ଭାବେ ଚିହ୍ନଟ କରାଯିବା, ଆବଶ୍ୟକୀୟ ବୟସ କୋହଳ ପୂର୍ବକ ସେମାନଙ୍କର ଯୋଗ୍ୟତା ଅନୁଯାୟୀ +୨ରୁ ଊର୍ଦ୍ଧ୍ୱ ଆଶାୟୀ ଗାଁସାଥିମାନଙ୍କୁ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲି ପଡିଥିବା ପଦପଦବୀରେ ସ୍ଥାୟୀ ନିଯୁକ୍ତି ପ୍ରଦାନ, +୨ରୁ ତଳକୁ ପାଠପଢ଼ିଥିବା ଗାଁସାଥୀମାନଙ୍କୁ ବିଭିନ୍ନ ବିଭାଗରେ ମାସିକ ସର୍ବନିମ୍ନ ୧୨ହଜାରରୁ ଊର୍ଦ୍ଧ୍ୱ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ ସହିତ ନିଯୁକ୍ତିର ସରକାରୀ ବ୍ୟବସ୍ଥା କରିବା ପାଇଁ ପ୍ରଶାସନିକସ୍ତରରେ ନିଷ୍ପତ୍ତି ନେବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ବିକ୍ଷୋଭରେ ଦୀନବନ୍ଧୁ ମହାନ୍ତ, ସୁନାରାମ ବେଶ୍ରା, କରୁଣାକର କିସ୍କୁ, ଅନୀତା ମୁର୍ମୁ, ଚୂଡ଼ାମଣି ସିଂ, ସରସ୍ୱତୀ ସୋରେନ, ବାସନ୍ତୀ ସୋରେନ, ସଞ୍ଜୟ କୁମାର ବାରିକ, ବାସନ୍ତୀ ମଣି ମୁର୍ମୁଙ୍କ ସମେତ ଶତାଧିକ ଗାଁସାଥୀ ସାମିଲ ଥିଲେ।

# 'ଶୃଙ୍ଖଳିତ ଜୀବନଶୈଳୀ ସଫଳତାର ଚାବିକାଠି'

### ବଡ଼ସାହି କଲେଜର ବାର୍ଷିକୋତ୍ସବ

ବଡ଼ସାହି,୧୨।୨(ସସ୍ମିତମ କୁମାର ରାଉତ): ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର କୃପାସିନ୍ଧୁ ମହାକୁଡ଼ଙ୍କ ପୌରୋହିତ୍ୟରେ ୨ ଦିନ ବ୍ୟାପି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଦିବସରେ ମୁଖ୍ୟଅତିଥି ଭାବେ ବିଧାୟକ ସନାତନ ବିଜୁଳି, ମୁଖ୍ୟ ବକ୍ତା ଭାବେ କବି ପ୍ରଶାନ୍ତ କୁମାର ଦାସ, ସମ୍ମାନନୀୟ ବକ୍ତା ଭାବେ ଧାମନଗର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ଗାଳ୍ପିକ ଡକ୍ଟର ପବିତ୍ର କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। କଠୋର ପରିଶ୍ରମ ନିରବଚ୍ଛିନ୍ନ ପ୍ରଚେଷ୍ଟା, ଶୃଙ୍ଖଳିତ ଜୀବନ ଶୈଳୀ ସଫଳତାର ଚାବିକାଠି ବୋଲି ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଯାଇଥିବା ବାର୍ଷିକ ସାଂସ୍କୃତିକ ଏବଂ ବାର୍ଷିକ କ୍ରୀଡ଼ାର ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଏବଂ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଉପଦେଷ୍ଟା ଅଧ୍ୟାପକ ବିନୋଦ କୁମାର ପରିଡ଼ା ଅତିଥି ଆବାହନ ସହିତ ମଞ୍ଚପରିଚାଳନା କରିଥିଲେ। ପ୍ରାଧ୍ୟାପକ ଫକୀରଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ଧୂମ୍‌ସା ପରିବେଷଣ ହୋଇଥିଲା। ପ୍ରାଧ୍ୟାପକ ଜୀବନ କୁମାର ପଣ୍ଡିତ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ପ୍ରଥମେ ଅଧ୍ୟକ୍ଷ ପ୍ରଫେସର ମହାକୁଡ ସାଂସ୍କୃତିକ ଏବଂ କ୍ରୀଡ଼ା ପ୍ରତିଯୋଗିତାର ଚାମ୍ପିୟନମାନଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରିଥିଲେ। ପରେ ଅର୍କେଷ୍ଟ୍ରା 'ସଂଗୀତ ଶୁଭାକର' ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପିକା, ପ୍ରଧ୍ୟାପକ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।


ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

## ଆରମ୍ଭ ହେଲା ଉଦଳା ସରସ୍ୱତୀ ମେଳା

ଉଦଳା,୧୨।୨(ସନ୍ତୋଷ କୁମାର ବାଞ୍ଛିନୀ)– ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଉଦଳା ସରସ୍ୱତୀ ମେଳା ବୁଧବାର ସନ୍ଧ୍ୟା ୬ଟାରେ ଉଦଘାଟିତ ହୋଇଯାଇଛି। ମେଳା କମିଟିର ସଦସ୍ୟ ଏକ ଶୋଭାଯାତ୍ରାରେ ସରସ୍ୱତୀ ମନ୍ଦିରରୁ ଆଜ୍ଞା ମାଳ ଆଣି ଆୟୋଜିତ ମେଳା ପଡ଼ିଆରେ ପହଞ୍ଚିଥିଲେ। ଅତିଥି ଭାବେ ଉଦଳା ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଉପାଧ୍ୟକ୍ଷା ଲିଲି ଭୋଳ, ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କାଉନସିଲର ଏବଂ ମନ୍ଦିର ପରିଚାଳନା କମିଟିର ସଭାପତି ଆଇନଜୀବୀ ବସନ୍ତ କୁମାର ପରିଡ଼ା, ବରିଷ୍ଠ ନାଗରିକ ଯଜ୍ଞ ନାରାୟଣ ମହାନ୍ତି, ମନ୍ଦିର ସମ୍ପାଦକ ରବୀନ୍ଦ୍ର ପରିଡ଼ା ପ୍ରମୁଖ ମେଳାକୁ ଉଦଘାଟନ କରିଥିଲେ। ପରେ ମେଳା ପଡ଼ିଆରେ ଥିବା ସାଂସ୍କୃତିକ ମଞ୍ଚରେ ଅତିଥିମାନେ ଉପସ୍ଥିତ ରହି ମେଳା ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ବର୍ଷ ଏହି ମେଳା ୧୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ୬ମାସର ଶିଶୁପୁତ୍ର ଚୋରି ଅଭିଯୋଗ, ମହିଳା ଗିରଫ

**ଚାନ୍ଦିପୁର ଅଞ୍ଚଳରୁ ଉଦ୍ଧାର କଲା ପୋଲିସ**

ନୀଳଗିରି, ୧୨।୨(ପ୍ରଶାନ୍ତ କୁମାର ବିଶ୍ୱାଳ): ବିବାହିତା ଝିଅ ବାପ ଘରକୁ ବୁଲିବାକୁ ଆସିଥିବା ବେଳେ ରାତିରେ ଶିଶୁପୁତ୍ର ଚୋରି ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ହାତୀଖୋଲିଆ ଗ୍ରାମରେ।

ନୀଳଗିରି ବ୍ଲକ ବରହମପୁର ଅଞ୍ଚଳର ବାଦଲ ସିଂ ଓ ତାଙ୍କ ସ୍ତ୍ରୀ ସାରସ୍ୱତୀ ନିଜର ୬ ମାସର ଶିଶୁ ପୁତ୍ରକୁ ନେଇ ୧୧ତାରିଖରେ ବାପଘର ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ହାତୀଖୋଲିଆ ଗ୍ରାମକୁ ଆସିଥିଲେ। ରାତିରେ ଖିଆପିଆ ସାରି ସମସ୍ତେ ଶୋଇ ପଡ଼ିଥିଲେ। ମା' ସାରସ୍ୱତୀ, ଶିଶୁପୁତ୍ର ଏବଂ ପଡୋଶୀ ନନ୍ଦିନୀ ସିଂ(୨୨) ଗୋଟିଏ ଘରେ ଶୋଇଥିଲେ। ହେଲେ ସକାଳେ ଶିଶୁପୁତ୍ର ନ ଥିବା ଦେଖି ବାପଘର ଲୋକେ ଖୋଜାଖୋଜି କରିଥିଲେ। ଏହି ସମୟରେ ନନ୍ଦିନୀ ସ୍ଥାନ ଛାଡ଼ି ପଳାଇଥିଲେ। ଅଭିଯୋଗ ଆଧାରରେ ନୀଳଗିରି ପୋଲିସ ବୁଧବାର ଅପରାହ୍ଣ ସମୟରେ ଶିଶୁପୁତ୍ରକୁ ଚାନ୍ଦିପୁର ଅଞ୍ଚଳରୁ ନନ୍ଦିନୀଙ୍କଠାରୁ ଉଦ୍ଧାର କରିଥିଲା। ନୀଳଗିରି ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନନ୍ଦିନୀଙ୍କ ନାମରେ ଏକ ମାମଲା(ନଂ. ୫୮/୨୦୨୫) ରୁଜୁ କରାଯାଇଥିବା ବେଳେ ଗୁରୁବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

## ରାଜପଥରେ ଛେଳି ଲୁଟ୍ ଘଟଣା

# ୨୫ ଛେଳି ସହ ପିକ୍‌ଅପ୍ ଭ୍ୟାନ୍ ଜବତ

ନୀଳଗିରି, ୧୨।୨(ପ୍ରଶାନ୍ତ ବିଶ୍ୱାଳ)–ବାଲେଶ୍ୱର ଜିଲା ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର କୁଣ୍ଡପୁର ଛକ ନିକଟରେ ଛେଳି ବୋଝେଇ ଏକ ପିକଅପ ଭ୍ୟାନକୁ ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ବୁଧବାର ବସ୍ତା ପୋଲିସ ଖବରପାଇ ନୀଳଗିରି ପୋଲିସ ସହାୟତାରେ ନୀଳଗିରି ଥାନା ଦକ୍ଷିଣ ନରସିଂହପୁର ଅଞ୍ଚଳର ଏକ ଖୋଲା ସ୍ଥାନରୁ ୨୫ ଛେଳି ସହ ପିକ୍‌ଅପ୍ ଭ୍ୟାନ (ନଂ. ଡବ୍ଲ୍ୟୁବି୩୩ଏ–୭୮୩୯) ଜବତ କରିଛି।

ମଙ୍ଗଳବାର ପଶ୍ଚିମବଙ୍ଗରୁ ଏକ ପିକଅପ୍ ଭ୍ୟାନ୍‌ରେ ୧୨୦ଟି ଛେଳି ନେଇ ପଶ୍ଚିମବଙ୍ଗର ସେକ ଅବଦୁଲ କଲାମ ଆଜାଦ ମୟୂରଭଞ୍ଜର ପାଇଲଟ ଛକ ଦେଇ ଅମର୍ଦ୍ଦା ନିକଟ ରାଜପଥରେ ଭଦ୍ରକ ଯାଉଥିଲେ। କୁଣ୍ଡପୁର ଛକ ନିକଟରେ ପଛ ଆଡୁ ଏକ ନମ୍ବର ବିହୀନ ବୋଲେରୋରେ ୫ ଜଣ ଦୁର୍ବୃତ୍ତ ଭ୍ୟାନ୍‌କୁ ଅଟକାଇ ଡ୍ରାଇଭର ସହ ଅନ୍ୟ ୨ ଜଣଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଗାଡ଼ିରେ ଥିବା ୩ଜଣ ଯୁବକଙ୍କୁ ଗୁରୁତର ଅବସ୍ଥାରେ ରାସ୍ତା କଡ଼ରେ ପକାଇ ପିକଅପ୍ ଭ୍ୟାନ ସହ ଛେଳିକୁ ନେଇ ପଳାଇଯାଇଥିଲେ। ବସ୍ତା ପୋଲିସ ଆହତଙ୍କୁ ଉଦ୍ଧାର କରି ବସ୍ତା ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ। ତେବେ ଏହି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବାଲେଶ୍ୱର ସହିତ ଅନ୍ୟ ଜିଲାର ସବୁ ଥାନାକୁ ଖବର ଦେଇ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିଲା।

